# Akashvani, Sambalpur

## SAMBALPURI NEWS EVENING BULLETIN

## 10 September 2024- 7.02 pm- 7.12 pm.

**********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୫ ତାରିଖ୍ ଦିନ ଓଡ଼ିଶା ନ ଚାଲ୍‌ବାର୍‌କେ ଥିବା ୩ ଟା ବନ୍ଦେ ଭାରତ୍ ଟ୍ରେନ୍‌ର କର୍‌ବେ ଶୁଭାରମ୍ଭ ।

- ସମାରୋହଥି ଯୋଗ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିଉତା ଦେଲା କେନ୍ଦ୍ର ରେଲ୍‌ମନ୍ତ୍ରଣାଳୟ ।

୨- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ନ ଆଗତ୍ କଲେ ଚଲ୍‌ତି ଆର୍ଥିକ୍ ବଛର୍‌ର ବ୍ୟୟ ମଞ୍ଜୁରୀ ବିଧେୟକ ।

୩- ସମୁଦ୍ରର୍ ପାଏନ୍‌କେ ପିଇବାର୍ ଉପଯୋଗୀ କର୍‌ବାର୍ ଲାଗି ଓଡ଼ିଶା ଆସୁଛେ ଗୁଟେ କମ୍ପାନୀ- କହେଲେ ବିଭାଗୀୟ ମନ୍ତ୍ରୀ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ହେଲା ଜନଶୁଣାଣି ଶିବିର ।

ନୂଆଁ ବନ୍ଦେ ଭାରତ୍ ଟ୍ରେନ୍ ସୂଚନା ଲୋକସମ୍ପର୍କ ବିଭାଗ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୫ ତାରିଖ୍ ଦିନ ଓଡ଼ିଶା ନ ୩ ଟା ନୂଆଁ ବନ୍ଦେ ଭାରତ୍ ଟ୍ରେନ୍‌ର ଶୁଭାରମ୍ଭ କର୍‌ବେ । ଇ ଅବ୍‌ସରେ ବ୍ରହ୍ମପୁର୍ ଷ୍ଟେସନ୍ ନ ହେବାର୍‌କେ ଥିବା ସମାରୋହଥି ଯୋଗ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ନିଉତା ଦିଆଯାଇଛେ । ପୂର୍ବତଟ ରେଲ୍‌ବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ୍ ଆଏଜ୍ ବିଧାନ୍‌ସଭା ପ୍ରକୋଷ୍ଠ ଠାନେ କେନ୍ଦ୍ର ରେଲ୍ ମନ୍ତ୍ରଣାଲୟ ତର୍‌ଫୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ । କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଇଥିର୍‌ଲାଗି ସ୍ୱତନ୍ତ୍ର ନିମନ୍ତ୍ରଣ୍ ପତ୍ର ଆଉ ଚିଠି ଜରିଏ ଅନୁରୋଧ୍ କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ନ ଚାଲ୍‌ବାର୍‌କେ ଥିବାର୍ ୩ ଟା ବନ୍ଦେ ଭାରତ୍ ଟ୍ରେନ୍ ହେଲା ଟାଟା-ବ୍ରହ୍ମପୁର୍ ବନ୍ଦେଭାରତ୍ ଏକ୍ସପ୍ରେସ୍, ରାଉର୍‌କେଲା- ହାୱଡ଼ା ବନ୍ଦେଭାରତ୍ ଆର୍ ଦୁର୍ଗ-ବିଶାଖାପାଟ୍‌ନା ବନ୍ଦେ ଭାରତ୍ ଏକ୍ସପ୍ରେସ୍ । ଇ ତିନ୍‌ହି ବନ୍ଦେ ଭାରତ୍ ଟ୍ରେନ୍ ଚାଲ୍‌ଲେ ଓଡ଼ିଶା ନ ମୋଟ୍ ୬ ଟା ବନ୍ଦେ ଭାରତ୍ ଟ୍ରେନ୍ ଚଲାଚଲ୍ କର୍‌ବା ।

ଏଏନ୍‌ଆର୍‌ଏଫ୍ ପରିଚାଳନା କମିଟି ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ନୂଆକରି ଗଠନ୍ ହେଇଥିବା ଅନୁସନ୍ଧାନ୍ ଜାତୀୟ ଗବେଷଣା ଫାଉଣ୍ଡେସନ୍-ଏଏନ୍‌ଆର୍‌ଏଫ୍ ର ପହେଲା ପରିଚାଳନା କମିଟିର ବୈଠକ୍ ଆଏଜ୍ ନୂଆଦିଲ୍ଲୀ ନ ହେଇଯାଇଛେ । ଇଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ଅଲ୍‌ଗା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଜାତୀୟ ଶିକ୍ଷାନୀତି -୨୦୨୦ ର ସୁପାରିଶ୍‌ଥି ଏଏନ୍‌ଆର୍‌ଏଫ୍ ଗଠନ୍ କରାଯାଇଥିଲା । ଦେଶର୍ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଗବେଷଣା ସଂସ୍ଥା ଆଉ ବିକାଶ୍ ପରୀକ୍ଷାଗାର ନ ଗବେଷଣା ଆଉ ଉଦ୍ଭାବନ୍‌କେ ପ୍ରୋତ୍ସାହିତ୍ କର୍‌ବାର୍‌ଟା ଇ ଫାଉଣ୍ଡେସନ୍‌ର ଲକ୍ଷ୍ୟ ଆଏ ।

ବିଧାନ୍‌ସଭା ବ୍ୟୟମଞ୍ଜୁରୀ ବିଧେୟକ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବିଧାନ୍‌ସଭା ନ ବ୍ୟୟମଞ୍ଜୁରୀ ବିଧେୟକ ଆଗତ୍ କରିଛନ୍ । ବିଧେୟକ୍ ଆଗତ୍ ହେବାର୍ ଉତ୍‌ରୁ ବିରୋଧୀ ଦଲର୍ ସଦସ୍ୟ ଡକ୍ଟର୍ ଅରୁଣ୍ କୁମାର୍ ସାହୁ, କଂଗ୍ରେସ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍ ଆର୍ ବିଜେପି ସଦସ୍ୟ ସନାତନ ବିଜୁଳି

ଆଲୋଚନାଥି ଭାଗ୍ ନେଉଛନ୍ । ଆଲୋଚନା ଶେଷେ ମୁଖ୍ୟମନ୍ତ୍ରୀ ଗୃହ ନ ନିଜର୍ ଉତର୍ ଦେବେ । ଇତାର୍ ଉତ୍ରୁ ବିଧେୟକ୍ ପାରିତ୍ ହେବା । ବିଧେୟକ ଗୃହ ନ ସମ୍ମତି ଲାଭ୍ କର୍ବାର୍ ସହେତେ ଚଲ୍ତି ଆର୍ଥିକ୍ ବଛର୍ ଲାଗି ବଜେଟ୍କେ ଅନୁମୋଦନ୍ ମିଲ୍ବା । ଇନ ଜନେଇ ଦିଆୟାଇପାରେ ଯେ, ଚଲ୍ତି ଆର୍ଥିକ୍ ବଛର୍ ଲାଗି ମୋଟ୍ ୨ ଲାଖ୍ ୬୫ ହଜାର୍ ଟଙ୍କାର୍ ବଜେଟ୍ ଉପସ୍ଥାପିତ୍ ହେଇଛେ ।

ମୁଖ୍ୟମନ୍ତ୍ରୀ- ବଢ଼ି ପ୍ରଭାବିତ୍ ଇଲାକା ସମୀକ୍ଷା ସୂଚନା ଲୋକସମ୍ପର୍କ ବିଭାଗ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବିଧାନ୍ସଭା ପ୍ରକୋଷ୍ଠ ନ ବଙ୍ଗୋପ୍ସାଗର୍ର ଲଘୁଚାପ୍ ପ୍ରଭାବ୍ଥି ରାଏଜେ ହେଇଥିବା କ୍ଷୟକ୍ଷତି ଆଉ ଇତାର୍ ମୁକାବିଲା ବିଷେ ନିଆୟାଇଥିବା ପଦକ୍ଷେପ୍ ବାବ୍ଦେ ସମୀକ୍ଷା କରିଛନ୍ । ରାଜସ୍ବ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଉ ସ୍ବତନ୍ତ୍ର ରିଲିଫ୍ କମିଶନର୍ ଦେଓ ରଞ୍ଜନ୍ କୁମାର୍ ସିଂ କ୍ଷୟକ୍ଷତିର୍ ଥିତି ଆର୍ ମୁକାବିଲା ଲାଗି ନିଆୟାଇଥିବା ପଦକ୍ଷେପ୍ ବାବ୍ଦେ ମୁଖ୍ୟମନ୍ତ୍ରୀଙ୍କୁ ଜନେଇଥିଲେ । ଇ ସମିଆଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସମୁଦ୍ରକେ ଠିକ୍ ଭାବେ ଜଳ ନିଷ୍କାସନ୍ ହେଇ ନାଇଁ ପାରୁଥିବାର୍ନୁ ବହୁତ୍ଟେ ଜାଗା ନ ଜଳବନ୍ଦୀ ସମସ୍ୟା

ଦେଖାଦେଇଛେ । ଖାସ୍ କରି କୋରାପୁଟ୍ ଆର୍ ମାଲ୍‌କାନ୍‌ଗିରି ଜିଲ୍ଲାର୍ ଲୁକେ ବର୍ଷା ଲାଗି ଅଏତ୍‌କା ପ୍ରଭାବିତ୍ ହେଇଛନ୍ । ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଆର୍ ଅଗ୍ନିଶମ ବାହିନୀ ସାହାଜ୍‌ଥି ଲୁକ୍‌କର୍ ଅସୁବିଧାକେ ଜଲ୍‌ଦି ଦୂର୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ବହୁତ୍‌ଟେ ରିଲିଫ୍ ସାମଗ୍ରୀ ମହଜୁଦ୍ ରଖିକରି ପ୍ରଭାବିତ୍ ଲୁକ୍‌କୁ ଦେବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ ।

ନିଯୁକ୍ତି ମେଳା ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ନ ଆଏବା ୧୨ ତାରିଖ୍ ଗୁରୁବାର୍ ଦିନ ନିଯୁକ୍ତି ମେଳା ହେବା । ନିଯୁକ୍ତି ମେଳାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଭିନ୍ ଭିନ୍ ବିଭାଗ୍‌ଥି ନିଯୁକ୍ତି ଲାଗି ମନୋନୀତ୍ ହେଇଥିବା ପ୍ରାର୍ଥୀମାନ୍‌କୁ ନିଯୁକ୍ତିପତ୍ର ବାଂଟ୍‌ବେ । ଇଥିର୍‌ଲାଗି ମନୋନୀତ ପ୍ରାର୍ଥୀମାନେ ସେଦିନ ସଖାଳର୍ ୮ ବଜେ ଉପସ୍ଥିତ୍ ରହିକରି ନିଜର୍ ନାଁ ପଞ୍ଜିକୃତ କର୍‌ବାର୍‌କେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସମୁଦ୍ର ପାଏନ୍ ବିଶୋଧନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ସମୁଦ୍ରର୍ ପାଏନ୍‌କେ ବିଶୋଧନ୍ କରିକରି ପିଇବାର୍ ଉପଯୋଗୀ କରାଯିବା । ଇଥିର୍‌ଲାଗି ଖୋବ୍ ଜଲ୍‌ଦି ଓଡ଼ିଶାକେ ଗୁଟେ କମ୍ପାନୀ ଆସୁଛେ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଲ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଦୂଷିତ ପାନୀୟ ଜଲକେ ନେଇକରି ଆଏଜ୍ ଗୃହ ନ ଉଦ୍‌ବେଗ ପ୍ରକାଶ ପାଇଥିଲା । ପ୍ରଦୂଷିତ ପାଏନ୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ବାଚସ୍ପତି ସୁରମା ପାଢ଼ୀ ସର୍‌କାର୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଦୂଷଣ ମୁକ୍ତ ପାଏନ୍ ସଂରକ୍ଷଣ୍ କରିକରି ଲୁକ୍‌କୁ ଯୁଗେଇ ଦେବାର୍ ଲାଗି ବାଚସ୍ପତି ଭିଲ୍ ନିର୍ଦ୍ଦେଶ୍ ଦେଇଥିଲେ ।

ପାନୀୟ ଜଲ ପ୍ରକଳ୍ପ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଜଲ ଜୀବନ୍ ମିଶନ୍ ଅଧୀନ୍‌ଥି ପାଇପ୍‌ଥି ପାନୀୟ ଜଲ ଯୋଗାଣ ପ୍ରକଳ୍ପ କାମ୍ କରାଯାଉଛେ । ପ୍ରକଳ୍ପ କାମ୍ ଯେନ୍‌ମାନେ ଡେରି କରୁଛନ୍ ସେମାନ୍‌କର୍ ବିରୋଧ୍ ନ ଜରିମାନା ଲଗାଯାଉଛେ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଲ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଭିନ୍ ଭିନ୍ ଇଲାକା ନ ପାନୀୟ ଜଲ ଯୋଗାଣ ପ୍ରକଳ୍ପ ଡେରିକେ ନେଇକରି ବିଧାୟକ୍‌ମାନେ ଗୃହ

ନ ଉଦ୍‌ବେଗ ପ୍ରକାଶ୍ କରିଛନ୍ । ଆଏବା ଦିନେ ଇ ପ୍ରକଳ୍ପ କାମ୍ କେନ୍‌ତା ଜଲ୍‌ଦି ସର୍‌ବା, ସେ ଦିଗେ ବିଭାଗ୍ ଜୋର୍ ଦେବା ବଲି ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ରାଏଜେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ନିର୍ମାଣ ଲାଗି କେନ୍‌ସି ସମସ୍ୟା ନାଇଁନ । ଇଥିର୍‌ଲାଗି ବିଭାଗ୍ ପାଖେ ବହୁତ୍‌ଟେ ଟଙ୍କା ଅଛେ । ବିଧାୟକ୍‌ମାନେ ନିଜର୍ ଇଲାକାର୍ ଆବଶ୍ୟକତା ବାବ୍‌ଦେ ବିଭାଗ୍‌କେ ଲିଖିତ୍ ଆକାରେ ଜନାଲେ ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ କହିଛନ୍ ।

୫୭ ଟା ଏନ୍‌ଏସି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ନୂଆଁ ବିଜ୍ଞାପିତ ଅଂଚଲ୍ ପରିଷଦ୍ - ଏନ୍‌ଏସି ଦାବି ଉପ୍‌ରେ ବିଧାନ୍‌ସଭା ନ ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସ୍ୱଷ୍ଟିକରଣ୍ ଦେଇଛନ୍ । ସେ କହିଛନ୍ ଯେ, କେନ୍‌ସି ଇଲାକାକେ ଏନ୍‌ଏସି ଘୋଷ୍‌ନା କର୍‌ବାର୍ ଲାଗି ନିର୍ଦ୍ଦିଷ୍ଟ ବିଧି ବ୍ୟବସ୍ଥା ଆଉ ମାନଦଣ୍ଡ ରହିଛେ । ଓଡ଼ିଶା ପୌର ଅଧିନିୟମ୍ ୧୯୫୦ ଆର୍ ଗ୍ରାମୀଣ ସହର୍ ନୀତିଥି ଥିବା ନିୟମାବଲୀକେ ଯଦି କେନ୍‌ସି ଇଲାକା ପୂରଣ୍ କରୁଥିବା ସେ ଇଲାକାକେ ଏନ୍‌ଏସି ଭାବେ ଘୋଷ୍‌ନା କରାଯାଇପାର୍‌ବା । ହେଲେ ଇଥିର୍‌ଲାଗି ଜିଲ୍ଲାପାଲ୍‌ଙ୍କର୍ ରିପୋର୍ଟ ଦର୍‌କାର୍ ଆଏ । ଜିଲ୍ଲାପାଲ୍‌ଙ୍କର୍ ରିପୋର୍ଟ

ମିଲ୍‌ବାର୍ ଉତ୍‌ରୁ ବିଭାଗ୍ ଇଟାକେ ତର୍ଜମା କର୍‌ବା । ଇତାର୍ ଉତ୍‌ରୁ ନୂଆଁ ଏନ୍‌ଏସି ଲାଗି ବିଭାଗ୍ ପଦକ୍ଷେପ୍ ନେବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ବିଧାନ୍‌ସଭା- ବାଘ ମୃତ୍ୟୁ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଗଲା ୧୦ ବଛର୍ ଭିତ୍‌ରେ ରାଏଜେ ୪୮ ଟା କଲ୍‌ରାପତ୍‌ରିଆ ଆଉ ୭ ଟା ମହାବଳ ବାଘର୍ ଜୀବନ୍ ଯାଇଛେ । ଇତାର୍ ଭିତ୍‌ରେ ଶିକାରୀମାନେ ୨୧ ଟା କଲ୍‌ରାପତ୍‌ରିଆ ବାଘ୍‌କେ ମାରିଛନ୍ ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭା ନ ବିଜେପି ବିଧାୟକ୍ ଟଙ୍କଧର ତ୍ରିପାଠୀଙ୍କର୍ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ବିଦ୍ୟୁତ୍ ଆଘାତଥି ୪ ଟା, ରେଲ୍ ଦୁର୍ଘଟଣାଥି ୨ ଟା, ରାସ୍ତା ଦୁର୍ଘଟଣାଥି ୩ ଟା ଆଉ ନଦୀ ନାଲ୍ ନ ବୁଡ଼ିକରି ୬ ଟା କଲ୍‌ରାପତ୍‌ରିଆ ବାଘର୍ ଜୀବନ୍ ଯାଇଛେ ।

ସେନ୍ତା ବିଧାୟକ୍ ପ୍ରଶାନ୍ତ ଜଗ୍‌ଦେବେଙ୍କର୍ ଆଉ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ଯେ, ଗଲା ୧୦ ବଛର୍ ଭିତ୍‌ରେ ହାତୀ ଆକ୍ରମଣ୍‌ଥି ୧୧ ଶହ ୪୫ ଝନ୍ ଲୁକର୍ ଜୀବନ୍ ଯାଇଛେ । ସେନ୍ତା ୧୦ ବଛର୍ ଭିତ୍‌ରେ ୭

ଶହ ୧୯ ଟା ହାତୀର୍ ଭିନ୍ ଭିନ୍ କାରଣ୍‌ନୁ ଜୀବନ୍ ଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଜନଶୁଣାଣି ବୌଦ୍ଧ/ ଦେବ୍‌ଗଡ଼୍/ ବର୍‌ଗଡ଼୍ /ଝାର୍‌ସୁଗୁଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଆଏଜ୍ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର ହେଇଯାଇଛେ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆର୍ ଏସ୍.ପି. ରାଜ୍‌ପ୍ରସାଦ୍ ଙ୍କର୍ ଉପସ୍ଥିତିଥି ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ମୋଟ୍ ୨୬ ଟା ଆପତି ଅଭିଯୋଗ୍ ଭିତ୍‌ରୁ ୮ ଟା ଅଭିଯୋଗ୍‌ର ସାଙ୍ଗେସାଙ୍ଗ୍ ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍‌ର ବାର୍‌କୋଟ୍ ବ୍ଲକ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍‌ଙ୍କର୍ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଇଥି ଯୋଗ୍ ଦେଇକରି ୨୦ ଟା ଅଭିଯୋଗ୍ ଗ୍ରହଣ୍ କରିକରି ଦର୍‌କାରୀ ପଦକ୍ଷେପ୍ ନେବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ବର୍‌ଗଡ଼୍ ଜିଲ୍ଲାର୍ ଝାର୍‌ବନ୍ଧ ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲାପାଲ୍ ଆର୍ ଏସ୍.ପି. ପ୍ରହଲ୍ଲାଦ୍ ସହାୟ ମୀନାଙ୍କର୍ ମିଲିତ୍ ଅଧ୍ୟକ୍ଷତାଥି ଜନଶୁଣାଣି ଶିବିର ହେଇଯାଇଛେ । ଇଥି ମୋଟ୍ ଶହେ ୫୧ ଟା ଅଭିଯୋଗ୍ ଭିତ୍‌ରୁ ଶହେ ୨୨ ଟା ବ୍ୟକ୍ତିଗତ ଆଉ ୨୯ ଟା ସାମୂହିକ୍ ଅଭିଯୋଗ୍‌ର

ଶୁଣାଣି କରାଯାଇକରି ତୁର୍ତି ସମାଧାନ୍ କର୍ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା ।

ଝାର୍ସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ପ୍ରଶାସନ୍ ତର୍ଫୁ ମିଳିତ୍ ଜନଶୁଣାଣି ଶିବିର ହେଇଛେ । ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍ୱଣେ ଆର୍ ଏସ୍.ପି. ସ୍ମିଥ୍ ପର୍ମାର୍ ଅଭିଯୋଗ୍ ଶୁଣାଣି କରିକରି ସମାଧାନ୍ କରିଥିଲେ ।

ସମ୍ବଲ୍ପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ୍ କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆଉ ଏସ୍.ପି. ମୁକେଶ୍ କୁମାର୍ ଭାମୁଙ୍କର୍ ମିଳିତ୍ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଇଥି ୪୪ ଟା ଅଭିଯୋଗ୍ ପଞ୍ଜିକୃତ ହେଇଥିବାର୍ ବେଲେ ସେ ଭିତ୍ରୁ ୯ ଟା ସାମୂହିକ୍ ଅଭିଯୋଗ୍ ଥିଲା ।

ସନ୍ତୋଷ୍ କୁମାର୍ କରଙ୍କୁ ସମ୍ବର୍ଦ୍ଧିତ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍ନା ଠାନେ ଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ସମ୍ମିଳନୀ କକ୍ଷ ନ ଜାତୀୟ ପୁରସ୍କାର୍ ପ୍ରାପ୍ତ ଶିକ୍ଷକ୍ ସନ୍ତୋଷ୍ କୁମାର୍ କରଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର୍ ଚୋପ୍ଦାର୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ସଚିନ୍ ପାୱାର୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ କରଙ୍କୁ

ସମ୍ବର୍ଦ୍ଧିତ୍ କରିକରି ଅଭିନନ୍ଦନ୍ ଜନେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଗୁରୁଦିବସ୍ ଦିନ ସନ୍ତୋଷ କୁମାର୍ କର ନୂଆଦିଲ୍ଲୀ ଠାନେ ରାଷ୍ଟ୍ରପତିଙ୍କର୍ ଠାନୁ ଜାତୀୟ ଶିକ୍ଷକ୍ ସମ୍ମାନ୍ ପାଇଥିଲେ ।

ସୁଭଦ୍ରା ସଚେତନତା ରଥ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନୁ ବାହାରିଥିବା ସୁଭଦ୍ରା ସଚେତନତା ରଥକେ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସ୍ୱାଗତ୍ କରାଯାଇଛେ । ସର୍କାରୀ ଦଲର୍ ମୁଖ୍ୟ ସଚେତକ ଆର୍ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆର୍ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ରଥ ମାନ୍କର୍ ଶୁଭାରମ୍ଭ କରିଥିଲେ ।

ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ୍ ଦିବସ୍ ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତର୍ଫୁ ବର୍ଗଡ୍ର ଖେଦାପାଲି ଠାନେ ଥିବା ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ୍ ସଂସ୍ଥାନ୍ ପରିସର୍ ନ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ୍ ଦିବସ୍ ଅବ୍ସରେ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ । ପ୍ରତିଷ୍ଠାନ୍ର

ସହକାରୀ ନିର୍ଦ୍ଦେଶକ୍ ୱାଇ. ଆନନ୍ଦ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କର୍ମଶାଳାଥି ମାନସିକ ରୋଗ ବିଶେଷଜ୍ଞ ଡାକ୍ତର୍ ପ୍ରବୀର୍ କୁମାର୍ ସାହୁ, ମାନସିକ ସ୍ୱାସ୍ଥ୍ୟ ବିଭାଗ୍ର ବବୁନ୍ କୁମାର୍, ଯଶୋବନ୍ତ, ସାମ୍ବାଦିକ ଉମେଶ୍ ଚନ୍ଦ୍ର ବିଶ୍ୱାଲ୍ ଆର୍ ବୀରେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇଥିଲେ । ଇ କର୍ମଶାଳାଥି ଆତ୍ମହତ୍ୟାକେ ପ୍ରତିରୋଧ୍ କର୍ବାର୍ ଲାଗି ଜନସଚେନତାର୍ ଦର୍କାର୍ ଅଛେ ବଲି ବକ୍ତାମାନେ କହିଥିଲେ ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ର ପ୍ରଭାବ୍ଥି ରାଏଜେ ବର୍ଷା ଜାରି ରହିଛେ । ଆଏବା କାଏଲ୍ ବର୍ଗଡ୍ , ଝାର୍ସୁଗୁଡ଼ା ଆର୍ ସୁନ୍ଦର୍ଗଡ୍ ନ ୭ ନୁ ୧୧ ସେଂଟିମିଟର୍ତକ୍ ବର୍ଷା ହେଇପାରେ । ଇଥିର୍ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ୟଲୋ ୱାର୍ଣ୍ଣିଂ ଜାରି କରିଛେ ।